The Odisha Gazette

EXTRAORDINARY
PUBLISHED BY AUTHORITY

No. 726 CUTTACK, THURSDAY, MARCH 28, 2024/CHAITRA 8, 1946

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

The 2nd March 2024

No. 6272—RDM-LAB-GJP-0003-2022-R&DM— ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଜପତି ଜିଲ୍ଲାର ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ସଇଲଙ୍ଗ, ଥାନା- ରା.ଉଦୟଗିରି, ତହସିଲ- ରା.ଉଦୟଗିରି, ଜିଲ୍ଲା- ଗଜପତିରେ ନିମ୍ନ ତଫସିଲ ମତେ ପ୍ରାୟ ୧.୦୮୩ ହେକ୍ଟର ଅତିରିକ୍ତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଛେଳିଗଡ ଜଳସେଚନ ପ୍ରକଳ୍ପ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ ମୁଖ୍ଯ କାର୍ଯ୍ୟ ପ୍ରଭାଗ, ମହେନ୍ଦ୍ରଗଡ, ଗଜପତି।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ଯରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ।ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା-୨୫୭୨୯, ତାରିଖ୧୮/୦୭/୨୦୨୩ରେ ଦ୍ରଷ୍ଟବ୍ୟ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ ଜିଲ୍ଲାପାଳ, ପାରଳାଖେମୁଣ୍ଡି, ଗଜପତି।

୬- ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| **ଗଜପତି** | ରା.ଉଦୟଗିରି | **ସଇଲଙ୍ଗ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | **ହେକ୍ଟର୧.୦୮୩** | **ହେକ୍ଟର୧.୦୮୩** | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଗଜପତି ଜିଲ୍ଲାପାଳ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଗଜପତି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ଗଜପତି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

# ଜମି ଅଧିଗ୍ରହଣ ପ୍ରସ୍ତାବ, ଛେଳିଗଡ଼ ଜଳସେଚନ ପ୍ରକଳ୍ପ

ମୌଜା –ସଇଲଙ୍ଗ

ଜମିର ବିବରଣୀ

| କ୍ର.ନଂ. | ଜିଲ୍ଲାର ନାମ | ତହସିଲ୍ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ଜମିର ମୋଟ ରକବା (ହେକ୍ଟର) | ଆଗରୁ ଅଧିସୂଚିତ ହୋଇଥିବା ରକବା (ହେକ୍ଟର) | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ (ହେକ୍ଟର) | ମୋଟ ରକବା (ହେକ୍ଟର) | କିସମ | ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧ | ଗଜପତି | ରା.ଉଦୟଗିରି | ସଇଲଙ୍ଗ | ଗ୍ରାମାଞ୍ଚଳ | ୨୧ | ୫୦ | ୦.୩୧୭ | - | ୦.୩୧୭ | ୦.୩୧୭ | ପଦର ଏକ | ଗଣେଶ୍ୱର ନାୟକ ,ପି : ରଙ୍ଗପିଆଜ ନାୟକ, ଜା:- ପାଣ ଖ୍ରୀଷ୍ଟିୟାନ , ବା:- ନିଜଗାଁ | ମୋଟ ୧.୦୪୩ ହେକ୍ଟର ଅଧିଗ୍ରହଣ ପ୍ରସ୍ତାବରୁ ୦.୦୬୦୭ ହେକ୍ଟର କଲୋନୀ ରାସ୍ତା ନିମନ୍ତେ , ଅବଶିଷ୍ଟ ୦.୯୮୨୩ ହେକ୍ଟର କଲୋନୀ ନିମନ୍ତେ ଆବଶ୍ୟକ ଗୋଚର ଜମିର ପ୍ରତିବଦଳରେ ଦିଆଗଲା |
| | | | | | | ୫୪ | ୦.୧୫୦ | - | ୦.୧୫୦ | ୦.୧୫୦ | ପଦର ଦୁଇ | | |
| | | | | | | ୫୫ | ୦.୧୦୦ | - | ୦.୧୦୦ | ୦.୧୦୦ | ପଦର ଦୁଇ | | |
| | | | | | | ୨୭୭ | ୦.୪୭୬ | - | ୦.୪୧୫୩<br>୦.୦୬୦୭ | ୦.୪୭୬ | ପଦର ଦୁଇ | | |
| ୨ | ଗଜପତି | ରା.ଉଦୟଗିରି | ସଇଲଙ୍ଗ | ଗ୍ରାମାଞ୍ଚଳ | ୫୩ | ୮/୫୫୧ | ୦.୭୬୦ | - | ୦.୦୪୦ | ୦.୦୪୦ | ପଦର ଦୁଇ | ବନ ବିର , ପି:- କନ୍ଧ ବିର , ଜା:- ପାଣ ଖ୍ରୀଷ୍ଟିୟାନ , ବା:- ନିଜଗାଁ | ପୁନର୍ବାସ ଏବଂ ବିସ୍ଥାପିତ କଲୋନୀ ପାଇଁ ରାସ୍ତା ନିର୍ମାଣ ସକାଶେ |
| | | | | | | ମୋଟ= | ୧.୮୦୩ ହେକ୍ଟର | - | ୧.୦୮୩ ହେକ୍ଟର | ୧.୦୮୩ ହେକ୍ଟର | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ନୃସିଂହ ଚରଣ ସ୍ୱାଇଁ

ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2936—173+20